# Akashvani, Sambalpur

## SAMBALPURI NEWS BULLETIN

### 29 November 2024- 6.47- 6.52 am.

*********************************************

ଡିଜିପି ସମ୍ମିଳନୀ          ଆର୍‌ଏନ୍‌ୟୁ / କଟକ୍

ଭୁବ୍‌ନେଶ୍ୱର୍ ନ ଆଏଜ୍‌ଠାନୁ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ମୁଲ୍ ହେଉଛେ । ଆଏବା ଡିସେମ୍ବର୍ ମାସର୍ ୧ ତାରିଖ୍‌ତକ୍ ଇ ସମ୍ମିଳନୀ ଚାଲ୍‌ବା । ପହେଲାଥର୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଯାଉଥିବା ଇ ସମ୍ମିଳନୀଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଲୋକସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ଇ ସମ୍ମିଳନୀ ହେବାର୍‌କେ ଯାଉଥିବାର୍ ବେଳେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ       ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ୩ ଦିନିଆ ଓଡ଼ିଶା ଗସ୍ତ ନ ଆସୁଛନ୍ । ପ୍ରଧାନ୍‌ମନ୍ତ୍ରୀ ଉପର୍‌ବେଲା ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଲା ଉତ୍‌ରୁ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ରାଜ୍‌ଭବନ୍‌ତକ୍ ରୋଡ୍ ସୋ କର୍‌ବେ । ହେତାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଲୟ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ବୈଠକ୍ କର୍‌ବେ । ଆଏବା କାଏଲ୍ ପ୍ରଧାନ୍‌ମନ୍ତ୍ରୀ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଲନୀଥି ଯୋଗ୍ ଦେବେ ଆଉ ରଏବାର୍ ଦିନ ସେ ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତର୍ ଲାଗି ଭୁବ୍‌ନେଶ୍ୱର୍ ନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛେ । ସହରର୍ ୬ ଟା ଇଲାକାକେ ନୋ ଫ୍ଲାଇଙ୍ଗ୍ ଜୋନ୍ କରାଯିବାର୍ ସହେତେ ଡ୍ରୋନ୍ ଉଡ଼ାନ୍ ଉପ୍‌ରେ କଟ୍‌କନା ଲଗାଯାଇଛେ ।

ସ୍ମାର୍ଟ ସିଟି -ରାଉର୍‌କେଲା ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆର୍ ରାଉର୍‌କେଲା ସ୍ମାର୍ଟ ସିଟିର୍ ଲାଗି ଧାରିଜ୍ ଶହେ ୭ ଟା ପ୍ରକଳ୍ପ ଭିତ୍‌ରୁ ଶହେ ୪ ଟାର କାମ୍ ପୁରା

ହେଇଛେ । ଇତାର୍‌ଭିତ୍‌ରୁ ଭୁବ୍‌ନେଶ୍ୱର୍ ସ୍ମାର୍ଟ ସିଟିର ୩୧ ଟା ଆର୍ ରାଉର୍‌କେଲା ସ୍ମାର୍ଟ ସିଟିର ୭୫ ଟା ପ୍ରକଳ୍ପ କାମ୍ ପୁରା ହେଇଛେ ବଲି କେନ୍ଦ୍ର ଆବାସ ଆଉ ସହରାଂଚଲ୍ ରାଷ୍ଟ୍ରମନ୍ତ୍ରୀ ତୋଖନ୍ ସାହୁ ଲୋକ୍‌ସଭା ନ ଦେଇଥିବା ଉତର୍‌ନୁ ଇ ସୂଚ୍‌ନା ମିଲିଛେ । ତାଙ୍କର୍ ଉତର୍ ଅନ୍‌ସାରେ ରାଉର୍‌କେଲା ସ୍ମାର୍ଟ ସିଟିର ୭୩ ଟା ପ୍ରକଳ୍ପ ଲାଗି ୧୩ ଶହ ୭୦ କୋଟି ୫ ଲାଖ୍ ଟଙ୍କା ଖର୍ଚ୍ଚା କରାଯାଇଛେ । ମନ୍ତ୍ରଣାଳୟ ତର୍‌ଫୁ ସ୍ମାର୍ଟ ସିଟି ପ୍ରକଳ୍ପ ମାନ୍‌କର୍ ଅଗ୍ରଗତି ଲାଗି ଭିନ୍ ଭିନ୍ ସ୍ତର୍ ନ ସମୀକ୍ଷା କରାଯାଉଛେ ଆଉ ରାଜ୍ୟ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଉଚ୍ଚସ୍ତରୀୟ ଷ୍ଟିଅରିଂ କମିଟି ଜରିଏ ତଦାରଖ୍ କରାଯାଉଥିବାର୍ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ ।

ଫାଷ୍ଟଟ୍ରାକ୍ କୋର୍ଟ- ଆଇନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ପିଡ଼ିତା ମହିଳାମାନ୍‌କୁ ଜଲ୍‌ଦି ନ୍ୟାୟ ଦେବାର୍ ଲାଗି ରାଏଜେ ଖୋବ୍ ଜଲ୍‌ଦି ୪ ଟା ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଖୁଲାଯିବା । ଇ କୋର୍ଟ ମାନ୍‌କେ ମହିଳା ଆଉ ନାବାଳିକାମାନ୍‌କର୍ ନିର୍ଯ୍ୟାତନା ମାମ୍‌ଲାର୍ ବିଚାର୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍

ହରିଚନ୍ଦନ୍ ବିଧାନ୍‌ସଭାଥି ସୂଚ୍‌ନା ଦେଇଛନ୍ । ବିଧାନ୍‌ସଭା ନ ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ପୁ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ପ୍ରସ୍ତାବିତ୍ ଫାଷ୍ଟଟ୍ରାକ୍ କୋର୍ଟ ନ ନ୍ୟାୟଧୀଶ୍ ମାନ୍‌କର୍‌ନୁ ନେଇକରି କର୍ମଚାରୀମାନ୍‌କର୍‌ତକ୍ ମହିଳାମାନେ ନିଯୁକ୍ତି ପାଏବେ । ଇଥିର୍‌ଲାଗି ପ୍ରକ୍ରିୟା ତୁର୍‌ତି ହେଇଛେ ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓଏଏସ୍ ବଦ୍‌ଲି ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ପ୍ରଶାସନିକ୍ ସେବା - ଓଏଏସ୍ ସ୍ତର୍‌ର ୨୦ ଝନ୍ ଅଧିକାରୀଙ୍କୁ ବଦ୍‌ଲି କରାଯାଇଛେ । ଗଲାକାଏଲ୍ ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ବିଜ୍ଞପ୍ତି ଅନ୍‌ସାରେ ଜସ୍ମିନ୍ ପଟ୍ଟନାୟକ୍‌ଙ୍କୁ ସତ୍ୟବାଦୀର ଓଡ଼ିଆ ବିଶ୍ୱବିଦ୍ୟାଲୟର୍ କୁଲସଚିବ ଆଉ ଡକ୍ଟର୍ ଶ୍ୱେତ କୁମାର୍ ଦାସ୍‌ଙ୍କୁ ଖଲ୍ଲିକୋର୍ଟ ଏକକ ବିଶ୍ୱବିଦ୍ୟାଲୟର୍ କୁଲସଚିବ ଭାବେ ବଦ୍‌ଲି କରାଯାଇଥିବାର୍ ଜନାପଡ଼ିଛେ ।

ମଧ୍ୟାହ୍ନ ଭୋଜନ୍ କମିଟି ଆର୍‌ଏନ୍‌ୟୁ / ସମ୍ବଲପୁର

ଛାତ୍ରଛାତ୍ରୀମାନ୍‌କୁ ପୁଷ୍ଟିକର ଖାଦ୍ୟ ଯୁଗାବାର୍ ଲାଗି ମଧ୍ୟାହ୍ନ ଭୋଜନ ତାଲିକା ତିଆର୍ କର୍‌ବାର୍‌କେ ବିଶେଷଜ୍ଞମାନ୍‌କର୍ ମତାମତ୍ ନିଆଯିବା । ଇ ମତାମତ୍‌କେ ଆଧାର୍ କରିକରି ମଧ୍ୟାହ୍ନ ଭୋଜନ୍‌ର ମେନ୍ୟୁ ବଦ୍‌ଲାଯିବା । ଇଥିର୍‌ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କମିଟି ଗଠନ୍ କରାଯାଇଛେ । ଯେନ୍‌ଥି ପ୍ରଧାନ୍‌ମନ୍ତ୍ରୀ ପୋଷଣର ରାଜ୍ୟ ନୋଡ଼ାଲ୍ ଅଧିକାରୀ ଅଧ୍ୟକ୍ଷ ରହେବେ ବଲି ଜନାପଡ଼ିଛେ ।

ଯୁକ୍ତ ଦୁଇ ଫର୍ମ ପୂରଣ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ପ୍ଲସ୍ ଟୁ କଳା, ବାଣିଜ୍ୟ, ବିଜ୍ଞାନ୍ ଧନ୍ଦାମୂଲକ୍ ଶିକ୍ଷା, ପତ୍ର ବିନିମୟ ପାଠ୍ୟକ୍ରମ୍‌ର ନିୟମିତ ଆଉ ଏକ୍ସରେଗୁଲାର୍ ଥିଓରି ପରୀକ୍ଷା ଆଏବା ମାସର୍ ୧୮ ତାରିଖ୍‌ନୁ ମୁଲ୍ ହେବା । ହେଲେ ପ୍ଲସ୍ ଟୁ ଫର୍ମ ପୂରଣ୍ ସମିଆକେ ପରିଷଦ୍ ତର୍‌ଫୁ ଫେର୍‌ଘାଏ ବଢ଼ାଯାଇଛେ । ଆଏବା ମାସର୍ ୫ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ୍ କରିପାର୍‌ବେ ।

ଗ୍ରାମ୍ ପଂଚାୟତ୍-ଡିଜିଟାଲ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ସବୁ ପଂଚାୟତ୍‌ମାନ୍‌କର୍ ଶହେ ପ୍ରତିଶତ୍ ଡିଜିଟାଲ୍‌କରଣ୍ ଲାଗି କେନ୍ଦ୍ର ସର୍‌କାର୍ ପଦକ୍ଷେପ୍ ନେଉଛନ୍ ବଲି କେନ୍ଦ୍ର ପଂଚାୟତ୍‌ରାଜ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବଘେଲ୍ ରାଜ୍ୟସଭା ନ କହିଛନ୍ । ସେ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ ଯେ, ୨୦୨୪ -୨୫ ଆର୍ଥିକ୍ ବଛ୍‌ରେ ଓଡ଼ିଶାର୍ ୬ ହଜାର୍ ୭ ଶହ ୮୭ ଟା ଗ୍ରାମ୍ ପଂଚାୟତ୍ ବିକାଶ୍ ଯୋଜ୍‌ନା ଇ-ଗ୍ରାମ୍‌ସ୍ୱରାଜ୍‌ଥି ଅପ୍‌ଲୋଡ଼୍ କରାଯାଇଛେ । ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ପଂଚାୟତ୍‌ରାଜ୍ ମନ୍ତ୍ରାଲୟ ଇ-ପଂଚାୟତ୍ ମିଶନ୍ ମୋଡ଼୍ ପ୍ରକଳ୍ପ କ୍ରିୟାନ୍ୱୟନ୍ କରୁଥିବାର୍ କେନ୍ଦ୍ରମନ୍ତ୍ରୀ, ସାଂସଦ୍ ଦେବାଶିଷ୍ ସାମନ୍ତରାୟଙ୍କର୍ ଗୁଟେ ଅଣତାରକା ପ୍ରଶ୍ନର୍ ଉତର୍‌ଥି କହିଛନ୍ ।

ଆଇଆଇଏମ୍ ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ପ୍ରବନ୍ଧନ୍ ସଂସ୍ଥାନ୍ ଆଇଆଇଏମ୍ - ସମ୍ବଲ୍‌ପୁର୍ ତର୍‌ଫୁ ମାଲବ୍ୟ ମିଶନ୍ ଶିକ୍ଷକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଜରିଏ ଜାତୀୟ ଶିକ୍ଷାନୀତି ଶିକ୍ଷାନୀତି- ୨୦୨୦ ର କାର୍ଯ୍ୟକାରିତା ନେଇକରି ୫ ଦିନିଆ ଶିକ୍ଷାଗତ ପ୍ରଶାସନ୍ ରୂପାନ୍ତରଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଦେଶର୍ ୧୬ ଟା ଭିନ୍ ଭିନ୍

ଉଚ୍ଚଶିକ୍ଷାନୁଷ୍ଠାନ୍‌ର ଅଧ୍ୟାପକ ଅଧ୍ୟାପିକା ମାନେ ସାମିଲ୍ ହେଇଥିଲେ । ଶିକ୍ଷା ଆଉ ଶିକ୍ଷାଗତ ପ୍ରଶାସନିକ୍ କ୍ଷେତ୍ର ନ ଜ୍ଞାନ ଆହରଣ୍, ଦକ୍ଷତା ବୃଦ୍ଧି ଆଉ ସମନ୍ୱୟ ବାବ୍‌ଦେ ଇନ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ସ୍ୱଦେଶ୍ ଦର୍ଶନ୍ - ପ୍ରସାଦ୍ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରଣାଲୟ ସ୍ୱଦେଶ୍ ଦର୍ଶନ୍ - ଟୁ ପଏଂଟ୍ ଜିରୋ ଯୋଜ୍‌ନାଥି କୋରାପୁଟ୍ ଆର୍ ଡେବ୍ରିଗଡ଼୍ ସହେତେ ସ୍ୱତନ୍ତ୍ର ଆକର୍ଷଣ୍ ଭାବେ ଖୃଣ୍ଡା ଗାଁକେ ପ୍ରମୁଖ ପର୍ଯ୍ୟଟନ୍ ସ୍ଥଲ୍ ଭାବେ ବିକଶିତ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇ ବାବ୍‌ଦେ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ରାଜେନ୍ଦ୍ର ସିଂ ଶେଖାୱତ୍ ଗଲାକାଏଲ୍ ରାଜ୍ୟସଭା ନ ସୂଚ୍‌ନା ଦେଇଛନ୍ । ଦୀର୍ଘସ୍ଥାୟୀ ପର୍ଯ୍ୟଟନ୍ ସ୍ଥଲୀ ବିକାଶ୍ ଲକ୍ଷ୍ୟଥି ସ୍ୱଦେଶ୍ ଦର୍ଶନ୍ ଯୋଜ୍‌ନାର ସମ୍ପ୍ରସାରଣ୍ କରାଯାଇଛେ । ଇତାର୍ ଆଗ୍‌ରୁ ୨୦୧୫-୧୬ ଆର୍ଥିକ୍ ବଛ୍‌ରେ ଓଡ଼ିଶାର୍ ଗୋପାଲ୍‌ପୁର୍, ବରକୁଲ୍, ସାତପଡ଼ା ଆର୍ ଟାମ୍ପଡ଼ା ପର୍ଯ୍ୟଟନ୍ ସ୍ଥଲୀର୍ ବିକାଶ୍ ଲାଗି ୭୦ କୋଟି ୮୨ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ ।